# ରେଙ୍ଗାଲି ତହସିଲଦାରଙ୍କ ଅଦାଲତ, ରେଙ୍ଗାଲି

ଲିଜ ବିବିଧ (Lease Misc.) ମୋକଦ୍ଦମା ସଂଖ୍ୟା ୩୪/୨୦୨୫

## ନୋଟିସ

ପ୍ରୋସେସ ସଂଖ୍ୟା. ୧୧୫୭ ତାରିଖ: ୦୪.୧୨.୨୦୨୫

ପ୍ରାପ୍ତେଷୁ,

**ଶ୍ରୀ ଅର୍ଜୁନ ଷଣ୍ଡ, ପିତା:ପାଣ୍ଡୁ ଷଣ୍ଡ, ଜାତି: ଗୌଡ଼ ବାସସ୍ଥାନ: ନିଜଗାଁ (ଲୁଧାପାଲି)**

ବିଷୟ: ଲିଜ ବିବିଧ (Lease Misc.) ମୋକଦ୍ଦମା ସଂଖ୍ୟା /୨୦୨୫ ରେ ମନ୍ତବ୍ୟ ଖାନା ରୁ ବାଦ ଦେବା ନିମନ୍ତେ ତହସିଲ କାର୍ଯ୍ୟାଳୟ ଶୁଣାଣି

ଏତଦ୍ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ ମୌଜା – ଲୁଧାପାଲି ଅନ୍ତର୍ଗତ ନିମ୍ନ ସୂଚୀତ ସରକାରୀ ଜମିକୁ ଇଡକୋ କର୍ତ୍ତୃପକ୍ଷ ଭୁବନେଶ୍ୱର (ଓଡିଶା), ଶିଳ୍ପ ପ୍ରତିଷ୍ଠା ଏବଂ ସଂବନ୍ଧ ଗତିବିଧିର ସ୍ଥାପନା ସକାଶେ ଲ୍ୟାଣ୍ଡ ବ୍ୟାଙ୍କ ନିମନ୍ତେ ଲିଜ ପାଇଁ ଅତ୍ର କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ କରିଛନ୍ତି । ଆବେଦନ କରାଯାଇଥିବା ନିମ୍ନ ତଫସିଲ ଭୁକ୍ତ ଜମି ସରକାରୀ ରକ୍ଷିତ ଖାତାରେ ଗୋଚର କିସମରେ ରେକର୍ଡ ଥାଇ ମନ୍ତବ୍ୟ ଖାନାରେ "ବେଆଇନ ଦଖଲ: ଅର୍ଜୁନ ଷଣ୍ଡ, ପିତା:ପାଣ୍ଡୁ ଷଣ୍ଡ, ଜାତି: ଗୌଡ଼ ବାସସ୍ଥାନ: ନିଜଗାଁ" ଥିବାରୁ ଉକ୍ତ ଜମିକୁ ଆବେଦନକାରୀଙ୍କ ନାମରେ ହସ୍ତାନ୍ତର କରିବା ପାଇଁ ମନ୍ତବ୍ୟ ଖାନାରେ ଥିବା ବେଆଇନ ଦଖଲ ନୋଟକୁ ବାଦ ଦେବା ଆବଶ୍ୟକ ପଡୁଅଛି ।

ଏହାର ଶୁଣାଣି ତା. ୧୮.୧୨.୨୦୨୫ ରିଖ ସମୟ ଦିବା ୧୧.୩୦ ଘଟିକାରେ ରେଙ୍ଗାଲି ତହସିଲ କାର୍ଯ୍ୟାଳୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହେବା ପାଇଁ ଧାର୍ଯ୍ୟ କରା ଯାଇଛି । ଯଦି ଏହି ପ୍ରସ୍ତାବିତ ବେଆଇନ ଦଖଲ ନୋଟକୁ ବାଦ ଦେବା ଉପରେ କିଛି ଆପତ୍ତି ଥାଏ, ତେବେ ନିଜର ଦାବି ସପକ୍ଷରେ ସମ୍ପୃକ୍ତ କାଗଜାତ ସହ ନିର୍ଦ୍ଧାରିତ ସମୟରେ ଉପର ବର୍ଣ୍ଣିତ ସ୍ଥାନରେ ଉପସ୍ଥିତ ହୋଇ ନିଜର ଆପତ୍ତି ରଖି ପାରିବେ । **ଧାର୍ଯ୍ୟ ତାରିଖରେ ଅନୁପସ୍ଥିତ ରହିଲେ ପରେ ଆଉ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।**

**ତଫସିଲ ଭୁକ୍ତ ଜମି**

| ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | କିସମ | ମନ୍ତବ୍ୟ |
|---|---|---|---|---|---|
| ଲୁଧାପାଲି | ୨୪୯ (ରକ୍ଷିତ) | ୩୦୫ | ୦.୮୫ | ଗୋଚର | ବେଆଇନ ଦଖଲ: ଅର୍ଜୁନ ଷଣ୍ଡ, ପିତା:ପାଣ୍ଡୁ ଷଣ୍ଡ, ଜାତି: ଗୌଡ଼ ବାସସ୍ଥାନ: ନିଜଗାଁ |
| ମୋଟ | ୧ ଖାତା | ୧ ପ୍ଲଟ | ୦.୮୫ | | |

ତହସିଲଦାର,ରେଙ୍ଗାଲି
ତହସିଲଦାର
ରେଙ୍ଗାଲି,ସମ୍ବଲପୁର

ଜ୍ଞାପକ ସଂଖ୍ୟା ୧୧୫୮ ତା: ୦୪.୧୨.୨୦୨୫

ଏହାର ଦୁଇ କିତା ନକଲ ରାଜସ୍ୱ ନିରୀକ୍ଷକ ,କତରବଗା ଙ୍କ କାର୍ଯ୍ୟାଳୟ କୁ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ନୋଟିସ ନାମିତ ବ୍ୟକ୍ତିଙ୍କୁ ନୋଟିସ ତାମିଲ କରି ତାମିଲ ନୋଟିସ ଫେରସ୍ତ ପାଇଁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ପରିଚାଳକ ସମ୍ବଲପୁରଙ୍କ ,ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ଏବଂ ଏହାର ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତାହାରକୁ ସମ୍ବଲପୁର ଜିଲ୍ଲା ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ ।

ତହସିଲଦାର,ରେଙ୍ଗାଲି
ତହସିଲଦାର
ରେଙ୍ଗାଲି,ସମ୍ବଲପୁର